মহারাষ্ট্র রাজ্য

ବନାମ

ଶ୍ରୀ ମାରୁତି ଶ୍ରୀପତି ଦୁବଲ

ଅଗଷ୍ଟ 29,1996

[ଜି.ଏନ୍.ରାୟ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦଣ୍ଡ ସଂହିତା, 1860:*

*ଧାରା 309 – ଆତ୍ମହତ୍ୟା ଉଦ୍ୟମ – ଆରକ୍ଷୀ କନେଷ୍ଟବଳ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ – ହୃଦଘାତରେ ପୀଡ଼ିତ ହୋଇଥିଲେ – ମାନସିକ ଭାବେ ଅସୁସ୍ଥ ହୋଇପଡ଼ିଥିଲେ – ସିଜୋଫ୍ରେନିଆରେ ପୀଡ଼ିତ ବୋଲି ଚିହ୍ନଟ କରାଯାଇଥିଲା – ଆତ୍ମଦାହ ଉଦ୍ୟମ କରିଥିଲେ – ନ୍ୟାୟାଳୟଙ୍କ ଦ୍ୱାରା ଆତ୍ମହତ୍ୟା ଉଦ୍ୟମ ମାମଲାର ନିଷ୍ପତ୍ତି ହେବା ପୂର୍ବରୁ, ସେ ଧାରା 309 ର କ୍ଷମତାକୁ ଆପତ୍ତି କରିଥିଲେ – ଉଚ୍ଚ ନ୍ୟାୟାଳୟ ଦର୍ଶାଇଥିଲେ ଯେ, ଧାରା 309 ସମ୍ବିଧାନର ଅନୁଚ୍ଛେଦ 14 ଏବଂ 21ର କ୍ଷମତାତୀତ ଥିଲା – ପରବର୍ତ୍ତୀ ସମୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏକ ସାମ୍ବିଧାନିକ ବିଚାରପୀଠ ସେହି ନିଷ୍ପତ୍ତିକୁ ବାତିଲ କରିଦେଇଥିଲେ – ଦର୍ଶାଯାଇଛି, ସେ ଯେଉଁ ଗୁରୁତର ରୋଗରେ ପୀଡ଼ିତ ଥିଲେ, ତାହା ବିଚାର କରି, ପ୍ରାୟ 11 ବର୍ଷର ଦୀର୍ଘ ସମୟ ବିତିବା ପରେ ଆତ୍ମହତ୍ୟା ଉଦ୍ୟମ ଅପରାଧ ପାଇଁ ତାଙ୍କ ବିରୋଧରେ ଆରମ୍ଭ ହୋଇଥିବା ଅପରାଧିକ ମାମଲାର ବିଚାର ସହିତ ଆଗକୁ ବଢ଼ିବା ବାଞ୍ଛନୀୟ ହେବ ନାହିଁ – ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବା ପାଇଁ, ତାଙ୍କ ବିରୋଧରେ ଅପରାଧିକ ମାମଲାକୁ ନାକଚ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି – ଭାରତର ସମ୍ବିଧାନ, ଅନୁଚ୍ଛେଦ 14,19,21 ଏବଂ 142 ।*

*ଲୋକେନ୍ଦ୍ର ସିଂ ବନାମ ଏମ୍. ପି. ରାଜ୍ୟ, [1996]* **2 SCC 648, ଅନୁସରଣ କରାଯାଇଥିଲା ଏବଂ ଦଣ୍ଡାଦେଶ ଦିଗ ବ୍ୟାଖ୍ୟା କରାଯାଇଥିଲା ।**

*ମାରୁତି ଶ୍ରୀପତି ଦୁବଲ ବନାମ ମହାରାଷ୍ଟ୍ର ରାଜ୍ୟ,* **(1987) Crl. C.J. 743, ରେ ପୂର୍ବରୁ ବାତିଲ ଏବଂ ରଦ୍ଦ କରାଯାଇଥିଲା ।**

ଅପରାଧିକ ଅପିଲ ଅଧିକାରିତା : ଅପରାଧିକ ଅପିଲ ସଂଖ୍ୟା 130/1987 ।

ଡବ୍ଲ୍ୟୁ.ପି. ସଂଖ୍ୟା 641/1986 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ତା 24/25.9.86 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଶିବାଜୀ ଏମ୍. ଯାଦବ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଭାରତୀୟ ଦଣ୍ଡ ସଂହିତାର ଧାରା 309 ର କ୍ଷମତା ବିଷୟରେ ଉତ୍ତରଦାତା ଶ୍ରୀ ମାରୁତି ଶ୍ରୀପତି ଦୁବଲଙ୍କ ଦ୍ୱାରା କରାଯାଇଥିବା ଆପତ୍ତିକୁ ବଜାୟ କରି ବମ୍ବେ ନ୍ୟାୟାଳୟଙ୍କ ଦ୍ୱାରା ତା 25.9.96 ରିଖର ରିଟ୍ ଆବେଦନ ସଂଖ୍ୟା 641/1986 ରେ ପାରିତ ରାୟ ବିରୋଧରେ ଏହି ଅପିଲ ନିର୍ଦ୍ଦେଶିତ ହୋଇଛି । ଉତ୍ତରଦାତା ଶ୍ରୀ ଦୁବଲ ବମ୍ବେ ନଗର ଆରକ୍ଷୀ ବାହିନୀରେ ନିୟୋଜିତ ଜଣେ ଆରକ୍ଷୀ କନଷ୍ଟେବଳ ଥିଲେ ଏବଂ ଘଟଣା ତାରିଖରେ, ସେ କନଷ୍ଟେବଳ ଭାବରେ 19 ବର୍ଷ ସେବା କରିସାରିଥିଲେ । 1981 ମସିହାରେ, ସେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଏବଂ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ ଯଦିଓ ସେ ଏପରି ଆଘାତରୁ ସୁସ୍ଥ ହୋଇଥିଲେ ସେ ମାନସିକ ଭାବରେ ଅସୁସ୍ଥ ହୋଇଯାଇଥିଲେ ଏବଂ ସେହି ଦିନ ପର୍ଯ୍ୟନ୍ତ ସେହିପରି ଥିଲେ । ଅଭିଯୋଜନଙ୍କ ଦ୍ୱାରା କରାଯାଇଥିବା ଆରୋପ ଅନୁଯାୟୀ ସେ ତାଙ୍କ ଶରୀରରେ କିରୋସିନି ଢାଳି ଏବଂ ଦିଆସିଲି କାଠି ଜଳାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଉକ୍ତ ଆତ୍ମହତ୍ୟା ଉଦ୍ୟମ ମାମଲାର ନିଷ୍ପତ୍ତି ନ୍ୟାୟାଳୟଙ୍କ ଦ୍ୱାରା ନିଆଯିବା ପୂର୍ବରୁ, ଉତ୍ତରଦାତା ଆଇପିସିର ଧାରା 309ର କ୍ଷମତାକୁ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ରିଟ୍ ଆବେଦନ ଦାଖଲ କରି ଆପତ୍ତି କରିଥିଲେ ଏବଂ ଆକ୍ଷେପିତ ରାୟ ଦ୍ୱାରା, ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଥିଲେ ଯେ, ଧାରା 309, ସମ୍ବିଧାନର ଅନୁଚ୍ଛେଦ 14 ଏବଂ 21ର *କ୍ଷମତାତୀତ* ଥିଲା ।

ଅପରାଧିକ ଅପିଲ ସଂଖ୍ୟା 461/96 (*ଲୋକେନ୍ଦ୍ର ସିଂ ବନାମ ମଧ୍ୟପ୍ରଦେଶ ରାଜ୍ୟ) ରେ* ଏହି ନ୍ୟାୟାଳୟଙ୍କ ସାମ୍ବିଧାନିକ ବିଚାରପୀଠ 21 ମାର୍ଚ୍ଚ, 1996 ର ରାୟ ଦ୍ୱାରା [1996] 2 SCC ପୃଷ୍ଠା 648 ରେ ବିବୃତ ଭାରତୀୟ ଦଣ୍ଡ ସଂହିତା ଧାରା 309 ର କ୍ଷମତାକୁ ବଜାୟ ରଖିଛନ୍ତି ଯାହା ସୂଚିତ କରେ ଯେ, ଉକ୍ତ ଧାରା ଭାରତର ସମ୍ବିଧାନର ଅନୁଚ୍ଛେଦ 14,19 ଏବଂ 21 କୁ ଉଲ୍ଲଂଘନ କରେ ନାହିଁ । ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ନିଷ୍ପତ୍ତିକୁ ମଧ୍ୟ *ଲୋକେନ୍ଦ୍ର ସିଂ ଙ୍କ* ମାମଲାରେ ବିଚାର ପାଇଁ ପ୍ରେରଣ କରାଯାଇଥିଲା, କିନ୍ତୁ *ମାରୁତି ଶ୍ରୀପତିଙ୍କ* ମାମଲାରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ସ୍ୱଷ୍ଟ ଭାବରେ ବାତିଲ କରିଦିଆଯାଇଛି । ତେଣୁ, ଅପିଲକୁ, ଅନୁମତି ଦିଆଯିବା ଉଚିତ । ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟକୁ ରଦ୍ଦ କରିଦିଆଯାଇଛି ।

ତଥାପି, ଏହା ଆମକୁ ଜଣାପଡ଼େ ଯେ, ଉତ୍ତରଦାତାଙ୍କ ଦ୍ୱାରା 27 ଅପ୍ରିଲ, 1985 ରେ ଆରୋପିତ ଆତ୍ମହତ୍ୟାର ଉଦ୍ୟମ କରାଯାଇଥିଲା ଏବଂ ପ୍ରାରମ୍ଭରେ ଉତ୍ତରଦାତାଙ୍କ ଦ୍ୱାରା ଆଇ ପି ସି ର ଧାରା 309ର ସାମ୍ବିଧାନିକ ବୈଧତା ଉପରେ ପ୍ରଶ୍ନ ଉଠାଯାଇ ଆପତ୍ତି କରାଯାଇଥିବାରୁ ଉକ୍ତ ମାମଲାର ଏ ପର୍ଯ୍ୟନ୍ତ ବିଚାର କରାଯାଇନଥିଲା । ଯେହେତୁ ଏହି

ନ୍ୟାୟାଳୟଙ୍କ ସାମ୍ବିଧାନିକ ବିଚାରପୀଠଙ୍କ ଦ୍ୱାରା ଦର୍ଶାଯାଇଥିବା ଆଇ ପି ସି ଧାରା 309 ସାମ୍ବିଧାନିକ ଭାବେ ବୈଧ, ତେଣୁ ଆତ୍ମହତ୍ୟା ଉଦ୍ୟମ ଅଭିଯୋଗରେ ଆରମ୍ଭ ହୋଇଥିବା ଅପରାଧିକ ମାମଲାର ଗୁଣବତ୍ତା ଆଧାରରେ ନିଷ୍ପତ୍ତି ନିଆଯିବା ଆବଶ୍ୟକ ।

ଆତ୍ମହତ୍ୟା ଉଦ୍ୟମ ପାଇଁ ଆରୋପିତ ଘଟଣାଟି 11 ବର୍ଷରୁ ଅଧିକ ସମୟ ପୂର୍ବରୁ ଘଟିଥିଲା । ଆକ୍ଷେପିତ ରାୟରେ, ଉଚ୍ଚ ନ୍ୟାୟାଳୟ ଟିପ୍ପଣୀ କରିଛନ୍ତି ଯେ, ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ମୁଣ୍ଡରେ ଆଘାତ ଲାଗିବା ପରେ, ଉତ୍ତରଦାତା ମାନସିକ ଭାରସାମ୍ୟ ହରାଇଥିଲେ ଏବଂ ସେ ଜାନୁଆରୀ, 1982 ଠାରୁ ମାନସିକ ରୋଗର ଚିକିତ୍ସା କରାଉଥିଲେ । ଜୁଲାଇ 1992ରେ ତାଙ୍କର ଏହି ରୋଗଗୁଡ଼ିକ "ଅସ୍ଥିରତା ଭୟ, କମ ନିଦ, ଅଧୀରତା, ଅସ୍ତବ୍ୟସ୍ତତା ଇତ୍ୟାଦି" ବୋଲି ଚିହ୍ନଟ ହୋଇଥିଲା । ଅଗଷ୍ଟ, 1982 ରେ, ଡାକ୍ତର ଚିହ୍ନଟ କରିଥିଲେ ଯେ, ଉତ୍ତରଦାତା ସିଜୋଫ୍ରେନିଆରେ ପୀଡ଼ିତ ଥିଲେ । ସେ ଶ୍ରବଣ ଏବଂ ଦୃଷ୍ଟି ସଂକ୍ରାନ୍ତ ଭ୍ରମରେ ମଧ୍ୟ ପୀଡ଼ିତ ଥିଲେ । ତାଙ୍କୁ ବିଦ୍ୟୁତ ଆଘାତ ଚିକିତ୍ସା ଦିଆଯାଇଥିଲା ଏବଂ ଉତ୍ତରଦାତାଙ୍କୁ ବହୁମାତ୍ରାରେ ନିଦ ଔଷଧ ଦିଆଯାଇଥିଲା ଏବଂ ଏପରିକି ଯେତେବେଳେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ରିଟ୍ ଆବେଦନ ଉପସ୍ଥାପିତ ହୋଇଥିଲା, ସେତେବେଳେ ଉତ୍ତରଦାତା ବହୁମାତ୍ରାରେ ନିଦ ଔଷଧ ଅଧୀନରେ ଥିଲେ ।

*ଲୋକେନ୍ଦ୍ର ସିଂ ଙ୍କ* ମାମଲାରେ ସାମ୍ବିଧାନିକ ବିଚାରପୀଠଙ୍କ ନିଷ୍ପତ୍ତିରେ ଏହା ସୂଚିତ କରାଯାଇଛି *ଯେ, ଆଇ* ପି ସି ଧାରା 309ରେ ଅନ୍ତର୍ନିହିତ ନମନୀୟତା କାରଣରୁ ଆଇ ପି ସି ଧାରା 309 ଅନୁଚ୍ଛେଦ 14 କୁ ଉଲ୍ଲଂଘନ କରେ ନାହିଁ । ଏହା ସୂଚିତ କରାଯାଇଛି ଯେ, ଆତ୍ମହତ୍ୟା ଉଦ୍ୟମ ଅପରାଧର ସମସ୍ତ ମାମଲାରେ ଅନୁପାତହୀନ କଠୋର ଦଣ୍ଡ ଦେବାକୁ ବାଧ୍ୟତା ବିରୋଧରେ ଅପରାଧର ଗୁରୁତ୍ୱ ସହିତ ଆନୁପାତିକ ଉପଯୁକ୍ତ ଦଣ୍ଡ ଅଧିନିର୍ଣ୍ଣୟ କରିବାକୁ ନ୍ୟାୟାଳୟଙ୍କୁ ଦିଆଯାଇଥିବା ବିବେକାଧିନତା ଆଇ ପି ସି ଧାରା 309 କୁ ଅନୁଚିତ ଭାବରେ କଠୋର ହେବାର ଦୁର୍ବଳତାରୁ ସୁରକ୍ଷା ଦିଏ, ଯାହା ଦ୍ୱାରା ଏହାକୁ ସମ୍ପୂର୍ଣ୍ଣ ମନମୁଖୀ ଏବଂ ଅଯୌକ୍ତିକ କରିଥାଏ । ସାମ୍ବିଧାନିକ ବିଚାରପୀଠଙ୍କ ଦ୍ୱାରା ଏହା ସୂଚିତ କରାଯାଇଛି ଯେ, ଏକ ଉପଯୁକ୍ତ ମାମଲାରେ, ଆଇ ପି ସି ଧାରା 309 ଅନ୍ତର୍ଗତ ଅପରାଧ ପାଇଁ ଜୋରିମାନା ମଧ୍ୟ ଲାଗୁ କରାଯାଇପାରିବ ଏବଂ ଘଟଣାଗୁଡ଼ିକ ଦର୍ଶିତ କରାଯାଇଛି ଯେଉଁଠାରେ ଭାରତର ଆଇନ ନ୍ୟାୟାଳୟମାନେ  ନାମମାତ୍ର ଦଣ୍ଡାଦେଶ ନିଷ୍ପତ୍ତି ଦେଇଛନ୍ତି ଏବଂ ଆତ୍ମହତ୍ୟା ଉଦ୍ୟମ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତଙ୍କୁ ଅପରାଧୀ ପରିବୀକ୍ଷା ଅଧିନିୟମର ସୁବିଧା ଦେଇଛନ୍ତି ।

ଉତ୍ତରଦାତା ଯେଉଁ ଗୁରୁତର ରୋଗରେ ପୀଡ଼ିତ ଥିଲେ, ତାହାକୁ ବିଚାରକୁ ନେଇ, ଆମକୁ ଏହା ପ୍ରତୀତ ହେଉଛି ଯେ, ଏତେ ଦୀର୍ଘ ସମୟ ବିତିଯିବା ପରେ ଆତ୍ମହତ୍ୟା କରିବାକୁ ଆରୋପିତ ଅପରାଧ ପାଇଁ ଅଭିଯୁକ୍ତଙ୍କ ବିରୋଧରେ ଆରମ୍ଭ ହୋଇଥିବା ଉକ୍ତ ଅପରାଧିକ ମାମଲାର ବିଚାର

ସହିତ ଆଗକୁ ବଢ଼ାଇବା ବାଞ୍ଛନୀୟ ହେବ ନାହିଁ । ମାମଲାର ତଥ୍ୟ ଆଧାରରେ, ବିଚାର ସମାପ୍ତ ହେବା ପରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ, ତାଙ୍କ ବିରୋଧରେ ଆରୋପିତ ଉକ୍ତ ଅପରାଧ ପାଇଁ ଦଣ୍ଡାଦେଶ ଅଧିନିର୍ଣ୍ଣୟ ପ୍ରସଙ୍ଗରେ ଉତ୍ତରଦାତା ଅତ୍ୟନ୍ତ ସହାନୁଭୂତିଶୀଳ ଭାବରେ ବିଚାର କରାଯିବା ଯୋଗ୍ୟ ଅଟନ୍ତି । ମାମଲାର ବିଶେଷ ତଥ୍ୟରେ, ଆମେ ଭାବୁନାହୁଁ ଯେ, ଉତ୍ତରଦାତା ଏତେ ଦୀର୍ଘ ସମୟ ପରେ ଉପରୋକ୍ତ ଅପରାଧ ପାଇଁ ବିଚାରର ସମ୍ମୁଖୀନ ହେବାକୁ ଯୋଗ୍ୟ, ଯେତେବେଳେ ଅଭିଯୋଜନ ମାମଲା ଯୁକ୍ତିଯୁକ୍ତ ସନ୍ଦେହ ବାହାରେ ପ୍ରମାଣିତ ହୁଏ, ଅଭିଯୁକ୍ତ ନାମମାତ୍ର ଜୋରିମାନାର ଏକ ଅତ୍ୟନ୍ତ ସଦୟ ଦଣ୍ଡାଦେଶ ପାଇବାକୁ ଯୋଗ୍ୟ । ସମ୍ପୂର୍ଣ୍ଣ ନ୍ୟାୟ ଦେବା ପାଇଁ, ମାମଲାର ତଥ୍ୟରେ, ଆମେ ଉତ୍ତରଦାତାଙ୍କ ବିରୋଧରେ ଉକ୍ତ ଅପରାଧିକ ମାମଲାକୁ ନାକଚ  କରିବାକୁ ନିର୍ଦ୍ଦେଶ ଦେଉଛୁ ।

ଜି.ଏନ୍.

ଅପିଲ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**